**SET–A**

**Roll No.**

Total No. of Printed Pages—16

**718 R/E**

**( Regular/Ex-Regular )**

# EDU

**(Arts)**

**( For Students registered up to 2024 )**

**2 0 2 6 (A)**

# EDUCATION

ARTS

*Full Marks* : 70

*Time* : 3 hours

*The figures in the right-hand margin indicate marks*
ଦକ୍ଷିଣ ପାର୍ଶ୍ୱରେ ଥିବା ସଂଖ୍ୟାଗୁଡ଼ିକ ପ୍ରଶ୍ନର ମୂଲ୍ୟାଙ୍କ ସୂଚାଉଛି

*Answer the questions as directed*
ନିର୍ଦ୍ଦେଶାନୁଯାୟୀ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ

*Candidates are required to answer objective type and very short answer type questions serially and continuously*
ପରୀକ୍ଷାର୍ଥୀମାନେ ବସ୍ତୁନିଷ୍ଠ ଓ ଅତି ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନଗୁଡ଼ିକର ଉତ୍ତର କ୍ରମାନ୍ୱୟରେ ଓ ନିରବଚ୍ଛିନ୍ନ ଭାବେ ଦେବା ଆବଶ୍ୟକ

## GROUP—A

## କ—ବିଭାଗ

*Answer **all** sub-questions*

ସମସ୍ତ ଉପପ୍ରଶ୍ନର ଉତ୍ତର ଦିଅ

1. Select the correct answer out of the four options given under each sub-question and write it in the answer script : 1×20=20

ନିମ୍ନପ୍ରଦତ୍ତ ପ୍ରତ୍ୟେକ ଉପପ୍ରଶ୍ନ ତଳେ ଥିବା ଚାରିଗୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଉତ୍ତର ଖାତାରେ ଲେଖ :

*(a)* Who among the following philosophers has said that "Literacy is neither the beginning nor the end of education"?

ନିମ୍ନୋକ୍ତ କେଉଁ ଦାର୍ଶନିକ କହିଥିଲେ ଯେ ''ସାକ୍ଷରତା ଶିକ୍ଷାର ପ୍ରାରମ୍ଭ ନୁହେଁ କି ଅନ୍ତମଧ୍ୟ ନୁହେଁ''?

*(i)* Gandhiji

ଗାନ୍ଧିଜୀ

*(ii)* Gopabandhu

ଗୋପବନ୍ଧୁ

*(iii)* Rousseau

ରୁଷୋ

*(iv)* John Dewey

ଜନ୍ ଡ୍ୟୁଇ

(b) Who among the following advocated negative education?

ନିମ୍ନୋକ୍ତ କିଏ ନକାରାତ୍ମକ ଶିକ୍ଷାର ପ୍ରବକ୍ତା ଥିଲେ?

(i) John Dewey / ଜନ୍ ଡ୍ୟୁଇ

(ii) Rousseau / ରୁଷୋ

(iii) Sri Aurobindo / ଶ୍ରୀ ଅରବିନ୍ଦ

(iv) Gandhiji / ଗାନ୍ଧିଜୀ

(c) Who among the following thinkers introduced open-air schooling in Odisha?

ନିମ୍ନୋକ୍ତ ଦାର୍ଶନିକମାନଙ୍କ ମଧ୍ୟରୁ କିଏ ଓଡ଼ିଶାରେ ମୁକ୍ତାକାଶ ଶିକ୍ଷା ପ୍ରଚଳନ କରିଥିଲେ?

(i) Rousseau / ରୁଷୋ

(ii) Gopabandhu / ଗୋପବନ୍ଧୁ

(iii) Sri Aurobindo / ଶ୍ରୀ ଅରବିନ୍ଦ

(iv) Gandhiji / ଗାନ୍ଧିଜୀ

(d) Who among the following philosophers has written the book *Democracy and Education*?

ନିମ୍ନରେ ପ୍ରଦତ୍ତ ଦାର୍ଶନିକମାନଙ୍କ ମଧ୍ୟରୁ କିଏ 'ଗଣତନ୍ତ୍ର ଓ ଶିକ୍ଷା' ପୁସ୍ତକ ରଚନା କରିଥିଲେ?

(i) John Dewey / ଜନ୍ ଡ୍ୟୁଇ

(ii) Sri Aurobindo / ଶ୍ରୀ ଅରବିନ୍ଦ

(iii) Rousseau / ରୁଷୋ

(iv) Gandhiji / ଗାନ୍ଧିଜୀ

(e) When was Vana Vidyalaya established?
ବନ ବିଦ୍ୟାଳୟ କେଉଁ ମସିହାରେ ପ୍ରତିଷ୍ଠିତ ହୋଇଥିଲା?

*(i)* 1912
୧୯୧୨

*(ii)* 1909
୧୯୦୯

*(iii)* 1902
୧୯୦୨

*(iv)* 1901
୧୯୦୧

(f) Who among the following holds the view that "Education is continuous reconstruction of experiences"?
ନିମ୍ନୋକ୍ତ ଦାର୍ଶନିକମାନଙ୍କ ମଧ୍ୟରୁ କିଏ ମତ ପୋଷଣ କରିଥିଲେ ଯେ ''ଅନୁଭୂତିର ନିରନ୍ତର ପୁନର୍ଗଠନ ହିଁ ଶିକ୍ଷା''?

*(i)* Gandhiji
ଗାନ୍ଧିଜୀ

*(ii)* Sri Aurobindo
ଶ୍ରୀ ଅରବିନ୍ଦ

*(iii)* John Dewey
ଜନ୍ ଡ୍ୟୁଇ

*(iv)* Rousseau
ରଷୋ

*(g)* Stimulus substitution is the essence of which of the following theories of learning?

ନିମ୍ନୋକ୍ତ କେଉଁ ଶିକ୍ଷଣ ତତ୍ତ୍ୱର ମୂଳ ଆଧାର ହେଉଛି ଉଦ୍ଦୀପକ ବଦଳୀକରଣ?

*(i)* Trial and error theory
ପ୍ରଯତ୍ନ ଓ ପ୍ରମାଦ ତତ୍ତ୍ୱ

*(ii)* Learning by conditioning theory
ଅନୁବନ୍ଧିତ ଶିକ୍ଷଣ ତତ୍ତ୍ୱ

*(iii)* Insightful learning theory
ଅନ୍ତର୍ଦୃଷ୍ଟି ଶିକ୍ଷଣ ତତ୍ତ୍ୱ

*(iv)* Learning by observation theory
ପର୍ଯ୍ୟବେକ୍ଷଣ ଶିକ୍ଷଣ ତତ୍ତ୍ୱ

*(h)* Who among the following psychologists was the exponent of insightful learning?

ନିମ୍ନୋକ୍ତ ମନୋବିଜ୍ଞାନୀମାନଙ୍କ ମଧ୍ୟରୁ କିଏ ଅନ୍ତର୍ଦୃଷ୍ଟି ଶିକ୍ଷଣ ତତ୍ତ୍ୱର ପ୍ରବର୍ତ୍ତକ ଥିଲେ?

*(i)* Pavlov / ପାଭଲଭ୍

*(ii)* Thorndike / ଥର୍ଣ୍ଡାଇକ୍

*(iii)* Bandura / ବାନ୍ଦୁରା

*(iv)* Kohler / କୋହଲର୍

*( Turn Over )*

*(i)* Which of the following laws of learning states that responses followed by a reward are strengthened and responses followed by an undesirable outcome are weakened?

ନିମ୍ନୋକ୍ତ କେଉଁ ଶିକ୍ଷଣ ନିୟମ ଦର୍ଶାଏ ଯେ ପୁରସ୍କାର ପାଇଥିବା ଉଦ୍ଦୀପନାଗୁଡ଼ିକ ଅଧିକ ମଜବୁତ୍ ହୋଇଥାନ୍ତି ଓ ଯେଉଁ ଉଦ୍ଦୀପନାଗୁଡ଼ିକରୁ ଅବାଞ୍ଛିତ ଫଳାଫଳ ମିଳିଥାଏ, ସେଗୁଡ଼ିକ ଦୁର୍ବଳ ହୋଇଥାନ୍ତି?

*(i)* Law of exercise / ଅଭ୍ୟାସ ନିୟମ

*(ii)* Law of readiness / ପ୍ରସ୍ତୁତି ନିୟମ

*(iii)* Law of effect / ଫଳାଫଳ ନିୟମ

*(iv)* Law of contiguity / ସମୀପତା ନିୟମ

*(j)* A learner does not like to study Mathematics but concentrates hard to secure higher marks in it to get good division in the examination. Which type of motivation does it imply?

ଜଣେ ବିଦ୍ୟାର୍ଥୀ ଗଣିତ ପଢ଼ିବାକୁ ଭଲ ପାଏ ନାହିଁ ମାତ୍ର ଏଥିରେ ଅଧିକ ନମ୍ବର ରଖି ଭଲ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପାଇଁ କଠିନ ପରିଶ୍ରମ କରେ। ଏହା କେଉଁ ପ୍ରକାରର ଅଭିପ୍ରେରଣାକୁ ସୂଚିତ କରେ?

*(i)* Extrinsic motivation
ବାହ୍ୟ ଅଭିପ୍ରେରଣା

*(ii)* Intrinsic motivation
ଅନ୍ତଃଅଭିପ୍ରେରଣା

*(iii)* Both extrinsic and intrinsic motivation
ଉଭୟ ବାହ୍ୟ ଓ ଅନ୍ତଃଅଭିପ୍ରେରଣା

*(iv)* Achievement motivation
ଉପଲବ୍ଧି ଅଭିପ୍ରେରଣା

*(k)* Which of the following is not a characteristic of constructivist classroom?

ନିମ୍ନଲିଖିତ କେଉଁଟି ସଂରଚନାତ୍ମକ ଶ୍ରେଣୀର ଲକ୍ଷଣ ନୁହେଁ?

*(i)* Learner as active recipient of knowledge

ଶିକ୍ଷାର୍ଥୀ ଜ୍ଞାନର ସକ୍ରିୟ ଗ୍ରାହକ

*(ii)* Learner-centred class

ଶିକ୍ଷାର୍ଥୀ କୈନ୍ଦ୍ରିକ ଶ୍ରେଣୀକୋଠରୀ

*(iii)* Teacher as a facilitator

ଶିକ୍ଷକ ଜଣେ ସହଯୋଗ ପ୍ରଦାନକାରୀ

*(iv)* Emphasis on rote learning

ଘୋଷାପାଠରେ ଅଧିକ ପ୍ରାଧାନ୍ୟ

*(l)* Which of the following is the correct order of four components of observational learning advocated by Bandura?

ନିମ୍ନସ୍ଥ ବିକଳ୍ପ ମଧ୍ୟରୁ କେଉଁଟି ବାନ୍ଦୁରାଙ୍କ ପ୍ରବର୍ତ୍ତିତ ପର୍ଯ୍ୟବେକ୍ଷଣାତ୍ମକ ଶିକ୍ଷଣ ତତ୍ତ୍ୱର ଚାରୋଟି ଅଂଶର ସଠିକ କ୍ରମ?

*(i)* Retention, Motivation, Attention, Reproduction

ଧାରଣ କରିବା, ଅଭିପ୍ରେରଣା, ଦୃଷ୍ଟିଦେବା, ପୁନଃଉତ୍ପାଦନ

(ii) Attention, Retention, Reproduction, Motivation
ଦୃଷ୍ଟିଦେବା, ଧାରଣ କରିବା, ପୁନଃଉତ୍ପାଦନ, ଅଭିପ୍ରେରଣା

(iii) Attention, Reproduction, Motivation, Retention
ଦୃଷ୍ଟିଦେବା, ପୁନଃଉତ୍ପାଦନ, ଅଭିପ୍ରେରଣା, ଧାରଣ କରିବା

(iv) Motivation, Attention, Retention, Reproduction
ଅଭିପ୍ରେରଣା, ଦୃଷ୍ଟିଦେବା, ଧାରଣ କରିବା, ପୁନଃଉତ୍ପାଦନ

(m) Which of the following committees for the first time introduced the concept of wastage and stagnation in education?
ନିମ୍ନୋକ୍ତ କେଉଁ କମିଟି ସର୍ବ ପ୍ରଥମେ ଶିକ୍ଷାରେ ଅପଚୟ ଓ ଆବଦ୍ଧତା ଶବ୍ଦର ପ୍ରଚଳନ କରିଥିଲେ?

(i) Hartog Committee
ହାର୍ଟଗ୍ କମିଟି

(ii) Patel Committee
ପଟେଲ କମିଟି

(iii) Sargent Committee
ସାରଜେଣ୍ଟ କମିଟି

(iv) Ramamurthy Committee
ରାମମୂର୍ତ୍ତି କମିଟି

(n) When was the RTE Act implemented in Odisha?

ଓଡ଼ିଶାରେ ଶିକ୍ଷା ଅଧିକାର ଆଇନ୍ କେବେ ପ୍ରଚଳନ ହୋଇଥିଲା ?

(i) 2009 / ୨୦୦୯

(ii) 2010 / ୨୦୧୦

(iii) 2011 / ୨୦୧୧

(iv) 2012 / ୨୦୧୨

(o) Which of the following committees was constituted for the promotion of national integration among Indian children?

ଭାରତୀୟ ଶିକ୍ଷାର୍ଥୀମାନଙ୍କ ମନରେ ଜାତୀୟ ସଂହତି ମନୋଭାବ ବିକାଶ କରିବା ପାଇଁ ନିମ୍ନଲିଖିତ କେଉଁ କମିଟି ଗଠିତ ହୋଇଥିଲା ?

(i) Sampurnananda Committee

ସମ୍ପୂର୍ଣ୍ଣାନନ୍ଦ କମିଟି

(ii) Ishwarbhai Patel Committee

ଈଶ୍ୱରଭାଇ ପଟେଲ କମିଟି

(iii) Sri Prakash Committee

ଶ୍ରୀ ପ୍ରକାଶ କମିଟି

(iv) Adiseshiah Committee

ଆଦିସେଶିୟା କମିଟି

(p) When was the National Human Rights Commission set up in India?
ଜାତୀୟ ମାନବାଧିକାର ଆୟୋଗ ଭାରତରେ କେବେ ସ୍ଥାପନ କରା ଯାଇଥିଲା ?

(i) 28th September, 1993
୨୮ ସେପ୍ଟେମ୍ବର, ୧୯୯୩

(ii) 12th October, 1993
୧୨ ଅକ୍ଟୋବର, ୧୯୯୩

(iii) 18th December, 1993
୧୮ ଡିସେମ୍ବର, ୧୯୯୩

(iv) 1st January, 1994
୧ ଜାନୁଆରୀ, ୧୯୯୪

(q) What does ICT stand for?
ଆଇ.ସି.ଟି. କହିଲେ ନିମ୍ନୋକ୍ତ କେଉଁଟିକୁ ବୁଝାଏ ?

(i) Internet and Computer Technology
ଇଣ୍ଟରନେଟ୍ ଓ କମ୍ପ୍ୟୁଟର ପ୍ରଯୁକ୍ତି ବିଦ୍ୟା

(ii) Intelligent Communication Technology
ବୁଦ୍ଧିମତ୍ତା ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା

(iii) Information and Communication Technology
ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା

(iv) Industrial Computer Technology
ଶିଳ୍ପ କମ୍ପ୍ୟୁଟର ପ୍ରଯୁକ୍ତି ବିଦ୍ୟା



( Continu

(r) Which of the following is the formula for computation of mode?

ନିମ୍ନୋକ୍ତ କେଉଁଟି ଗରିଷ୍ଠକ ନିର୍ଣ୍ଣୟର ସୂତ୍ର ଅଟେ?

(i) 3 median – 2 mean

୩ ମଧ୍ୟମା – ୨ ମାଧ୍ୟ

(ii) 3 mean – 2 median

୩ ମାଧ୍ୟ – ୨ ମଧ୍ୟମା

(iii) 2 median – 3 mean

୨ ମଧ୍ୟମା – ୩ ମାଧ୍ୟ

(iv) 2 mean – 3 median

୨ ମାଧ୍ୟ – ୩ ମଧ୍ୟମା

(s) When there is a symmetrical distribution, which of the following measures of central tendency is used?

ଯେତେବେଳେ ଏକ ପ୍ରତିସମ ବିତରଣ ଥାଏ, ସେତେବେଳେ କେନ୍ଦ୍ରୀୟ ପ୍ରବଣତାର କେଉଁ ମାପକ ବ୍ୟବହୃତ ହୁଏ?

(i) Mean

ମାଧ୍ୟ

(ii) Median

ମଧ୍ୟମା

(iii) Mode

ଗରିଷ୍ଠକ

(iv) Both mean and median

ଉଭୟ ମାଧ୍ୟ ଓ ମଧ୍ୟମା

(t) Which of the following is the median of the given scores?
ନିମ୍ନୋକ୍ତ କେଉଁଟି ପ୍ରଦତ୍ତ ଲବ୍ଧାଙ୍କମାନଙ୍କର ମଧ୍ୟମା ଅଟେ?

30, 35, 40, 45, 50, 55

(i) 40
(ii) 45
(iii) 42·5
(iv) 40·5

## GROUP—B

## ଖ—ବିଭାଗ

2. Answer any *seven* questions of the following, each within *40–50* words : 2×7=1

ନିମ୍ନଲିଖିତ ପ୍ରଶ୍ନମାନଙ୍କ ମଧ୍ୟରୁ ଯେକୌଣସି ସାତଗୋଟିର ଉତ୍ତର ପ୍ରତ୍ୟେକକୁ ୪୦–୫୦ ଶବ୍ଦ ମଧ୍ୟରେ ଦିଅ :

(a) What is the meaning of education according to Gandhiji?
ଗାନ୍ଧିଜୀଙ୍କ ଅନୁଯାୟୀ ଶିକ୍ଷାର ଅର୍ଥ କ'ଣ?

(b) What is self-sufficiency in basic education?
ମୌଳିକ ଶିକ୍ଷାରେ ଆତ୍ମନିର୍ଭରଶୀଳତା କହିଲେ କ'ଣ ବୁଝା ଯାଏ?

(c) What is the chief aim of integral education?
ପୂର୍ଣ୍ଣାଙ୍ଗ ଶିକ୍ଷାର ମୁଖ୍ୟ ଲକ୍ଷ୍ୟ କ'ଣ?

(d) What is law of effect?
ଫଳାଫଳ ନିୟମ କ'ଣ?

(e) What is observational learning?
ପର୍ଯ୍ୟବେକ୍ଷଣାତ୍ମକ ଶିକ୍ଷଣ କ'ଣ?

(f) Define motivation.
ଅଭିପ୍ରେରଣାର ସଂଜ୍ଞା ଲେଖ।

(g) What is wastage in education?
ଶିକ୍ଷାରେ ଅପଚୟ କାହାକୁ କହନ୍ତି?

(h) Why is national integration called emotional integration?
ଜାତୀୟ ସଂହତିକୁ କାହିଁକି ଆବେଗିକ ସଂହତି କୁହାଯାଏ?

(i) What is the importance of life skills education?
ଜୀବନ ଦକ୍ଷତା ଶିକ୍ଷାର ଗୁରୁତ୍ୱ କ'ଣ?

(j) What is frequency distribution table?
ପୌନଃପୌନିକ ବିତରଣ ସାରଣୀ କ'ଣ?

(k) Define median.
ମଧ୍ୟମାର ସଂଜ୍ଞା ଲେଖ।

(l) Why is smoothing a polygon graph necessary?
ଏକ ବହୁଭୁଜ ଲେଖାଚିତ୍ରକୁ ଚିକ୍କଣ କରିବାର ଆବଶ୍ୟକତା କ'ଣ?

## GROUP—C

## ଗ—ବିଭାଗ

3. Answer any *seven* questions from the following, each within *60–80* words : 3×7=2

ନିମ୍ନଲିଖିତ ପ୍ରଶ୍ନମାନଙ୍କ ମଧ୍ୟରୁ ଯେକୌଣସି ସାତଟିର ଉତ୍ତର ପ୍ରତ୍ୟେକକୁ ୬୦–୮୦ ଶବ୍ଦ ମଧ୍ୟରେ ଦିଅ :

(a) What is the principle of correlation in basic education?
ମୌଳିକ ଶିକ୍ଷାରେ ସମ୍ବନ୍ଧ ନୀତି କହିଲେ କ'ଣ ବୁଝାଯାଏ ?

(b) What was the purpose of education at Vana Vidyalaya?
ବନ ବିଦ୍ୟାଳୟ ଶିକ୍ଷାର ଲକ୍ଷ୍ୟ କ'ଣ ଥିଲା ?

(c) What, according to Dewey, is the chief aim of education in a democracy?
ଡ୍ୟୁଇଙ୍କ ଅନୁଯାୟୀ ଏକ ଗଣତନ୍ତ୍ରରେ ଶିକ୍ଷାର ମୁଖ୍ୟ ଲକ୍ଷ୍ୟ କ'ଣ ?

(d) Explain the law of exercise.
ଅଭ୍ୟାସ ନିୟମ ବୁଝାଅ ।

(e) Explain different types of motivation.
ଅଭିପ୍ରେରଣାର ପ୍ରକାରଭେଦ ବୁଝାଅ ।

(f) What is the role of a teacher in a constructivist classroom?
ଏକ ସଂରଚନାତ୍ମକ ଶ୍ରେଣୀଗୃହରେ ଶିକ୍ଷକଙ୍କର ଭୂମିକା କ'ଣ ?

(g) Mention different steps of universalization of elementary education.
ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନୀକରଣ କରିବାର ବିଭିନ୍ନ ସୋପାନଗୁଡ଼ିକ ଉଲ୍ଲେଖ କର।

(h) What is environmental education?
ପରିବେଶ ଶିକ୍ଷା କହିଲେ କ'ଣ ବୁଝ?

(i) What is the main aim of human rights education?
ମାନବାଧିକାର ଶିକ୍ଷାର ମୁଖ୍ୟ ଲକ୍ଷ୍ୟ କ'ଣ?

(j) What is the importance of statistics for a classroom teacher?
ଜଣେ ଶ୍ରେଣୀ ଶିକ୍ଷକଙ୍କ ପାଇଁ ପରିସଂଖ୍ୟାନର ଗୁରୁତ୍ୱ କ'ଣ ଲେଖ।

(k) Explain the stable measure of central tendency.
କେନ୍ଦ୍ରୀୟ ପ୍ରବଣତାର ସ୍ଥିର ମାନକଟିକୁ ବୁଝାଅ।

## GROUP—D

## ଘ—ବିଭାଗ

Answer **three** questions of the following, each within *120–150* words, where Question No. **8** is compulsory : 5×3=15

ନିମ୍ନଲିଖିତ ପ୍ରଶ୍ନ ମଧ୍ୟରୁ **ତିନିଗୋଟି** ପ୍ରଶ୍ନର ଉତ୍ତର ପ୍ରତ୍ୟେକ **୧୨୦–୧୫୦** ଶବ୍ଦ ମଧ୍ୟରେ ଲେଖ, ତନ୍ମଧ୍ୟରେ ପ୍ରଶ୍ନ ସଂଖ୍ୟା ୮ ବାଧ୍ୟତାମୂଳକ ଅଟେ :

**4.** Discuss the important features of basic education.
ମୌଳିକ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟଗୁଡ଼ିକ ବର୍ଣ୍ଣନା କର।

**5.** Explain insightful learning with its educational implications.
ଶୈକ୍ଷିକ ନିହିତାର୍ଥ ସହ ଅନ୍ତର୍ଦୃଷ୍ଟି ଶିକ୍ଷଣ ତତ୍ତ୍ୱ ବୁଝାଅ।

6. Discuss different curricular and cocurricular activities organized in a school for the promotion of national integration.
ଜାତୀୟ ସଂହତିର ବିକାଶ ପାଇଁ ଏକ ବିଦ୍ୟାଳୟରେ ସଂଗଠିତ ହେଉଥିବା ବିଭିନ୍ନ ପ୍ରକାର ପାଠ୍ୟ ଓ ସହପାଠ୍ୟ କାର୍ଯ୍ୟକ୍ରମଗୁଡ଼ିକ ଆଲୋଚନା କର।

7. Narrate different life skills as identified by WHO.
ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଧାରିତ ଜୀବନ ଦକ୍ଷତାଗୁଡ଼ିକ ଆଲୋଚନା କର।

8. Compute mean of the following distribution by using short method :
ସଂକ୍ଷିପ୍ତ ପ୍ରଣାଳୀ ବ୍ୟବହାର କରି ନିମ୍ନରେ ପ୍ରଦତ୍ତ ବିତରଣର ମାଧ୍ୟ ନିର୍ଣ୍ଣୟ କର :

| *Class Interval* ସଂଭାଗ | *Frequency* ବାରମ୍ବାରତା |
|---|---|
| 71–75 | 2 |
| 66–70 | 4 |
| 61–65 | 5 |
| 56–60 | 7 |
| 51–55 | 10 |
| 46–50 | 8 |
| 41–45 | 7 |
| 36–40 | 4 |
| 31–35 | 3 |
| | $N = 50$ |

★★★